## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା, ୧୧।୧୧ (ଡି.ଏନ.ଏ.): କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଶୁକ୍ରବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ବ୍ରାହ୍ମଣୀପାଲି ଗ୍ରାମର ଶ୍ରାବଣୀ ମିର୍ଦ୍ଧାଙ୍କ ଘରୁ ୩୫ ଲିଟର, ତପସ୍ୱିନୀ ମିର୍ଦ୍ଧାଙ୍କ ଘରୁ ୫୦ ଲିଟର, କତଡା ଗ୍ରାମର ପଦ୍ମିନୀ ମିର୍ଦ୍ଧାଙ୍କ ଘରୁ ୫୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ ଚଢ଼ାଉ କରିଥିଲେ।

### ବାହୁଡ଼ିଗଲେ ମା' ଲୋଭୀ



ବଅଁରପାଳ, ୧୧।୧୧ (ଡି.ଏନ.ଏ.): ବଅଁରପାଳ ବ୍ଲକ ଗଡସନ୍ତ୍ରୀ ଓ ତୁଳସୀପାଳର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀଙ୍କ ୫ ଦିନ ଧରି ବାର୍ଷିକ ଯାତ୍ରା ପାଳିତ ହୋଇଯାଇଛି। ଧୁମ୍‌ଧାମରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ୫ଶହରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ଏଠାରେ ପସରା ମେଲାଇଥିଲେ। ବିଶେଷକରି ଖାଦ୍ୟ ଷ୍ଟଲ ଓ ମିନାବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଅପେରା ଓ ଦଣ୍ଡ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା।

# ଉଦ୍ୟମ ଦିଗରେ ଉଦାସୀନ

- କାମରେ ଲାଗୁନି ଦେଢ଼କୋଟିର ପାଣି ପ୍ରକଳ୍ପ
- ନିର୍ମାଣ ପରଠାରୁ ୩ ବର୍ଷ ହେଲା ଅଚଳ ଅବସ୍ଥାରେ
- ୫ ହଜାର ଲୋକଙ୍କ ଶୋଷ ମେଣ୍ଟାଇପାରୁନି ପ୍ରଶାସନ

ବଇଣ୍ଡା,୧୧।୧୧ (ଡି.ଏନ.ଏ.)



ପାନୀୟ ସମସ୍ୟାର ସମାଧାନ ନିମନ୍ତେ ନିର୍ମାଣ ହେଲା ପାଣି ପ୍ରକଳ୍ପ। ବ୍ୟୟ ହେଲା ଦେଢ଼କୋଟି ଟଙ୍କା। ହେଲେ କାମ ଶେଷ ହେବାର ୩ ବର୍ଷ ପରେ ମଧ୍ୟ ୩ ଗାଁରେ ପହଞ୍ଚିନି ପାଣି। ଏପରି କି ଫିଲ୍‌ଟରଟିଏ ଲଗାଇ ୫ ହଜାର ଲୋକଙ୍କ ଶୋଷ ମେଣ୍ଟାଇବାକୁ ବିଭାଗୀୟ ଅଧିକାରୀଙ୍କ ଆଗ୍ରହ ନାହିଁ। ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ବି ସମାଧାନ ନିମନ୍ତେ ପ୍ରଶାସନ ଉଦ୍ୟମ କରିବା ପରିବର୍ତ୍ତେ ଉଦାସୀନ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକର ହଣ୍ଡପା ପଞ୍ଚାୟତବାସୀ।

ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ହଣ୍ଡପା ପଞ୍ଚାୟତର ଚାକୁଣ୍ଡାମୁଣ୍ଡା, ଯୋଗୀପଥର ଓ ହଣ୍ଡପା ଗ୍ରାମବାସୀ ବର୍ଷସାରା ପାନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଖରାଦିନେ ଜଳସ୍ତର ହ୍ରାସ ଯୋଗୁ ନଳକୂଅ ଓ ଖୋଲା କୂଅରୁ ଆବଶ୍ୟକ ପାଣି ବାହାରୁ ନାହିଁ। ତେଣୁ ଏଠାକାର ପ୍ରାୟ ୫ ହଜାର ଲୋକଙ୍କୁ ବିଶୁଦ୍ଧ ପାଇପ୍ ପାଣି ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବସୁଧା ଯୋଜନାରେ ଯୋଗୀପଥର ଡ୍ୟାମ୍ ନିକଟରେ ୧ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ନିର୍ମାଣ କରିଥିଲେ। ୨୦୧୬ ମସିହାରେ ଏହି କାମ ଆରମ୍ଭ ହୋଇ ୨୦୧୯ରେ ଶେଷ ହୋଇଥିଲା। ଗାଁରେ ପାଣି ପହଞ୍ଚାଇବା ପାଇଁ ପାଇପ୍ ମଧ୍ୟ ବିଛାଯାଇଥିଲା। ହେଲେ ପ୍ରକଳ୍ପର ପାଣିକୁ ଫିଲଟର କରିବା ପାଇଁ ଲାଗିଥିବା ମେଶିନ ଅତି ନିମ୍ନମାନର ଯୋଗୁ ଜଳ ଯୋଗାଣ ସମ୍ଭବ ହୋଇପାରିଲା ନାହିଁ। ଏପରି କି ୧ ମାସ କାର୍ଯ୍ୟକ୍ଷମ କରାଯାଇଥିଲେ ମଧ୍ୟ ଗୋଳିଆ ପାଣି ଯୋଗାଣ ହେଉଥିବାରୁ ବିରୋଧ ଦେଖାଦେଇଥିଲା। ତୁରନ୍ତ ଭଲ ଫିଲ୍‌ଟର ଲଗାଇ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଜଳ ଯୋଗାଣ ପ୍ରକଳ୍ପକୁ ସେବେଠାରୁ ବନ୍ଦ ରଖାଯାଇଛି। ଫଳରେ ସରକାର ଖର୍ଚ୍ଚ କରିଥିବା ଦେଢ଼କୋଟି ଟଙ୍କାର କୌଣସି ସୁଫଳ ଗ୍ରାମବାସୀଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ଏହି ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ହଣ୍ଡପା ଗ୍ରାମବାସୀ ୨ ଜୁନ ୨୦୨୦ ଓ ୨୫ ମାର୍ଚ୍ଚ ୨୦୨୧ରେ ଆଠମଲ୍ଲିକ ବିଧାୟକ, କିଶୋରନଗର ଜଳ ଯୋଗାଣ ବିଭାଗ ଓ ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। କିନ୍ତୁ ପ୍ରକଳ୍ପ କାର୍ଯ୍ୟକ୍ଷମ ଦିଗରେ ସେପରି ଉଦ୍ୟମ କରାଯାଇ ନାହିଁ। ଏହାକୁ ନେଇ ପଞ୍ଚାୟତରେ ଜନଅସନ୍ତୋଷ ତୀବ୍ର ହେଉଥିବାବେଳେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ ପାଇଁ ସଜବାଜ ଚାଲିଥିବା ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ଏ ନେଇ କିଶୋରନଗର ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି, ପ୍ରକଳ୍ପ କିଛି ମାସ ଚାଲିଥିଲା। ହେଲେ ଗୋଳିଆ ପାଣି ଆସିବାରୁ ବନ୍ଦ ରଖାଯାଇଛି। ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

### ପଞ୍ଚାୟତରେ ବଢୁଛି ଅସନ୍ତୋଷ



ସରକାରୀ ଅର୍ଥ ଖର୍ଚ୍ଚର କିଛି ମୂଲ୍ୟ ମିଳୁନାହିଁ। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ପାଣି ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରଶାସନର ନୀରବତା ଅସନ୍ତୋଷର କାରଣ ହୋଇଛି।

-ଭରତ ଚିରଗୁଣି, ପଞ୍ଚାୟତବାସୀ

### ଆରମ୍ଭରୁ ତଦାରଖ କରାଗଲା ନାହିଁ



ରାଜ୍ୟ ରାଜକୋଷରୁ ଯେଉଁ ଉଦ୍ଦେଶ୍ୟରେ ଦେଢ଼କୋଟି ଟଙ୍କା ଖର୍ଚ୍ଚ କରାଗଲା ତାହାର କୌଣସି ସୁଫଳ ଦୃଶ୍ୟମାନ ହେଉନାହିଁ। ନିର୍ମାଣ ଆରମ୍ଭରୁ ବିଭାଗୀୟ ଅଧିକାରୀ ତଦାରଖ କଲେନାହିଁ। ଅଚଳ ଅବସ୍ଥାରେ ଥିବା ଏହି ନୂଆ ପ୍ରକଳ୍ପର ରକ୍ଷଣାବେକ୍ଷଣ ମଧ୍ୟ କରାଯାଉ ନାହିଁ।

-ରତନ ସାହୁ, ପଞ୍ଚାୟତବାସୀ

### ଖୋଲା କୂଅ ଉପରେ ନିର୍ଭରଶୀଳ



ପାନୀୟ ପ୍ରକଳ୍ପକୁ କାର୍ଯ୍ୟକ୍ଷମ ପାଇଁ ଅନେକଥର ଅଭିଯୋଗ କରାଯାଇଛି। ହେଲେ ପ୍ରଶାସନର ଅବହେଳା ଯୋଗୁ ଲୋକଙ୍କୁ ବର୍ଷ ବର୍ଷ ଧରି ଖୋଲା କୂଅ ଉପରେ ନିର୍ଭର କରିବାକୁ ପଡୁଛି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ।

-ସିପୁନ ପରିଡା, ପଞ୍ଚାୟତବାସୀ

### ପ୍ରକଳ୍ପ ହସ୍ତାନ୍ତର କରିନି ଠିକାସଂସ୍ଥା



ଠିକାସଂସ୍ଥା ପଞ୍ଚାୟତକୁ ଏଯାଏ ପ୍ରକଳ୍ପ ହସ୍ତାନ୍ତର କରିନାହିଁ। ଏ ନେଇ ପଞ୍ଚାୟତ ପକ୍ଷରୁ ପୂର୍ବରୁ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଲୋକଙ୍କ ସମସ୍ୟା ସମାଧାନ ପାଇଁ ପୁଣି ବିଭାଗକୁ ଅବଗତ କରାଯିବ।

-ରଶ୍ମିତା ପ୍ରଧାନ, ହଣ୍ଡପା ସରପଞ୍ଚ

### ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ



ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ପ୍ରକଳ୍ପରୁ ଲୋକେ କିଭଳି ପାଣି ପାଇବେ ସେ ଦିଗରେ ପ୍ରଶାସନ ପଦକ୍ଷେପ ନେବ। ଏ ନେଇ ଜଳ ଯୋଗାଣ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ ନିମନ୍ତେ ଉଦ୍ୟମ କରାଯିବ।

-ତରଣୀ ସୁନା, ଉପଜିଲାପାଳ, ଆଠମଲ୍ଲିକ

# ୪୮ ଜଣଙ୍କୁ ମତ୍ସ୍ୟ ଉତ୍ପାଦନ ତାଲିମ

ମାଧପୁର, ୧୧।୧୧

ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳ ଗୌତମପୁର ବନ ସୁରକ୍ଷା ସମିତି ସଭାଗୃହଠାରେ ଶୁକ୍ରବାର ମତ୍ସ୍ୟ ଯାନ୍ତ୍ରିକ ସରଞ୍ଜାମର ଲୋକପ୍ରିୟତା ପାଇଁ ଜିଲା ମତ୍ସ୍ୟ ଅଧିକାରୀଙ୍କ ପକ୍ଷରୁ ଏକ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ରାଜେନ୍ଦ୍ର ପାତ୍ର ଯୋଗଦେଇ ମାଛ ଉତ୍ପାଦନ ନିମନ୍ତେ ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବାସୁଦେବପୁର ସରପଞ୍ଚ କଳ୍ପନା ଡାଙ୍ଗ, କିଶୋରନଗର ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ସୁଶ୍ରୀ ସୁବାସିନି ବେହେରା, ଆଠମଲ୍ଲିକ ବ୍ଲକର କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଶୁଭଶ୍ରୀ ସୌଭାଗ୍ୟଲକ୍ଷ୍ମୀ ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଶିବିରକୁ ମାଧପୁର ବନ ସଂଯୋଜୋକ ଦେବାନନ୍ଦ ନାଏକ ସଂଯୋଜନା କରିଥିବା ବେଳେ ସହଯୋଗୀ ସଂସ୍ଥା ବିଶ୍ ଯୁବକେନ୍ଦ୍ରର ବିକାଶ ଅଧିକାରୀ ଶ୍ୱେତାମ୍ବର୍ ମଲିକ ଓ କୁମୁଦିନୀ ପାଣି ସହଯୋଗ କରିଥଲେ। ଏଥିରେ ଆଖପାଖ ବିଭିନ୍ନ ପଞ୍ଚାୟତର ୩୦ ମହିଳା ଏବଂ ୧୮ ପୁରୁଷ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ଓକିଲ ସଂଘର ବିକ୍ଷୋଭ, ବନ୍ଦ ପାଳନ

ତାଳଚେର, ୧୧।୧୧ (ନି.ପ୍ର.)

ତାଳଚେର ଓକିଲମାନଙ୍କ ନାମରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଓ ସମ୍ପୃକ୍ତ ସିଏଏସ୍‌ଆଇ ତାଳଚେରଙ୍କୁ ନିଲମ୍ବିତ ଏବଂ ଅନ୍ୟ ସିଏଏସ୍‌ଆଇ ଷ୍ଟାଫମାନଙ୍କ ବଦଳି ଦାବି ନେଇ ତାଳଚେର ଓକିଲ ସଂଘ ପକ୍ଷରୁ ଶୁକ୍ରବାର ତାଳଚେର ଓ ପାଲଲହଡ଼ାରେ ବନ୍ଦ ପାଳନ କରାଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ଧରି ଓକିଲ ସଂଘର ସଦସ୍ୟମାନେ ଏମ୍‌ସିଏଲର ବିଭିନ୍ନ କୋଇଲାଖଣି, ପରିବହନକୁ ଅଚଳ କରିଦେଇଥିଲେ। ସେହିପରି ସହରରେ ଯାତ୍ରୀବାହୀ ଗାଡି ଚଳାଚଳ, ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦିକୁ ବନ୍ଦ କରିବା ସହ ତାଳଚେର କୋର୍ଟ ଏବଂ ଟ୍ରାଫିକ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘ ସଭାପତି ସନ୍ତୋଷ କୁମାର ସାହୁ, ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ, ଉପସଭାପତି ମାନସ ରଞ୍ଜନ ଶତପଥୀ, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ସିଂ ଡିଗ୍ଗା, ଅରୁଣ ଶଙ୍କର ମିଶ୍ର, କେଶବ ଭୂତିଆ, ଦୟାସାଗର ମିଶ୍ର, ରୀଣ୍ଟା ମଞ୍ଜରୀ ସାହୁ, ପ୍ରଭାତିନୀ ଆଚାର୍ଯ୍ୟ, ଅଖିଳ ସାମଲ, ବାଉରୀବନ୍ଧୁ ବେଜ୍, ମାନସ ବାଇଙ୍କ ସମେତ ଶତାଧିକ ସଦସ୍ୟ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।




ଓକିଲ ସଂଘ କର୍ମକର୍ତ୍ତାମାନେ ବନ୍ଦ ପାଳନ କରୁଛନ୍ତି।

# ଦୁଲୁକାଇଲା କାର୍ତ୍ତିକେଶ୍ୱରଙ୍କ ମେଳଣ

ବଅଁରପାଳ, ୧୧।୧୧ (ଡି.ଏନ.ଏ.)

ବଅଁରପାଳ ବ୍ଲକ ତୁରଙ୍ଗ ଗ୍ରାମର ଗଣପର୍ବ ଭାବେ ପରିଚିତ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଧୁମ୍‌ଧାମରେ ମେଳଣ ଉତ୍ସବ ପାଳନ କରାଯାଇଥିଲା। ମିନିଷ୍ଟାଡିୟମଠାରେ ୧୦ ମେଢ଼ ମିଳିତ ହେବା ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବିଭିନ୍ନ ବାଦ୍ୟ, ନୃତ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା। ମଧ୍ୟାହ୍ନ ୧୨ଟାରେ ବଡ଼ ଆଡ଼ମ୍ବର ସହ ମେଢଗୁଡିକ ଗ୍ରାମରୁ ବାହାରି ମେଳଣ ପଡିଆଠାରେ ପହଞ୍ଚିଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ମେଳଣ ପଡ଼ିଆରୁ ମେଢଗୁଡିକ ବାହରି ଗ୍ରାମ ପରିକ୍ରମା ପରେ ଭସାଣିରେ ସାମିଲ ହୋଇଥିଲେ। ଲଉଡି ଖେଳ, ପାଇକ ଖେଳ, ଘଣ୍ଟ ବାଦ୍ୟ, ଆଦିବାସୀ ନୃତ୍ୟ ସହ ଡିଜେ ସାଉଣ୍ଡରେ ସମଗ୍ର ଅଞ୍ଚଳ ଦୁଲୁକି ଉଠିଥିଲା। ରାଜଧାନୀ କ୍ଲବ, ଦେହୁରୀ ସାହି ପୂଜା କମିଟି, ମା' ହିଙ୍ଗୁଳା କ୍ଲବ, ମାହେଶ୍ୱରୀ କ୍ଲବ, ନୀଳଚକ୍ର କ୍ଲବ, ସଂଗ୍ରାମ କ୍ଲବ, ତ୍ରିଦେବ କ୍ଲବ, ଓଭରଟେକ କ୍ଲବ ଆଦିର ମେଢ ମେଳଣରେ ସାମିଲ ହୋଇଥିଲେ। କରୁଣ ସାହୁ, ବିପିନ ସାମଲ, ସନ୍ତୋଷ ଦାସ, ବିନୋଦ ପାତ୍ର, ରଜତ ପାତ୍ର, ଦଣ୍ଡଧର ଦାସ, ସାଗର ସେଠୀ, ସନ୍ତୋଷ ଥମ୍ଭ, ସଂଗ୍ରାମ ବେହେରା, ବିଦ୍ୟାଧର ବେହେରା, ଗୋପଳ ବେହେର ପ୍ରମୁଖ ସହଯୋଗ କରିଥିଲେ।





ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

# ପୋଖରୀ ଭିତରେ ବିଦ୍ୟୁତ୍ ତାରଟଣାକୁ ବିରୋଧ

## ପରିଦର୍ଶନ କଲେ ଉପଜିଲାପାଳ, ବିଭାଗୀୟ ଅଧିକାରୀ

କଣିହାଁ, ୧୧।୧୧ (ଡି.ଏନ.ଏ.)



କଣିହାଁ ବ୍ଲକ ସାନତ୍ରିବିଡା ଗ୍ରାମର ଏକ ପୋଖରୀ ଭିତରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ତାର ଟାଣିବାକୁ ବିରୋଧ କରିଛନ୍ତି ଗ୍ରାମବାସୀ। ସେମାନଙ୍କ କହିବା ଅନୁଯାୟୀ, ଗ୍ରାମରେ ଏକ ସାର୍ବଜନୀନ ପୋଖରୀ ଅଛି। ତାହା ଉପରେ ଗ୍ରାମବାସୀ ସମ୍ପୂର୍ଣ୍ଣ ନିର୍ଭରଶୀଳ। ପାନୀୟ ଜଳ ଯୋଗାଣ ପାଇଁ ଆର୍‌ଡବ୍ଲ୍ୟୁଏସ୍ଏସ୍ ତରଫରୁ ଓଭରହେଡ୍ ଟାଙ୍କି ସହିତ ବୋର୍‌ୱେଲ ଖୋଳାହୋଇଛି। ଏହି ବୋର୍‌ୱେଲରୁ ପାଣି ଯୋଗାଣ ନିମନ୍ତେ ପମ୍ପ ହାଉସ୍‌କୁ ବିଦ୍ୟୁତ୍ ଯିବାକୁ ପୋଖରୀ ଭିତରେ ଖୁଣ୍ଟ ପୋତାଯାଇ ତାର ଟଣାଯାଉଛି। କୌଣସି କାରଣରୁ ତାର ଛିଣ୍ଡି ପୋଖରୀ ଭିତରେ ପଡ଼ିଲେ ବଡ଼ ଅଘଟଣ ଘଟିବାର ଆଶଙ୍କା ରହିଛି। ତେଣୁ ପୋଖରୀ ଉପରେ ତାର ଟଣା ନ ଯାଇ ହୁଡ଼ାରେ ବ୍ୟବସ୍ଥା କରିବାକୁ ଗ୍ରାମ ସଭାପତି ବଟକୃଷ୍ଣ ପ୍ରଧାନ, ସମ୍ପାଦକ ଅଶୋକ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଖବରପାଇ ଗୁରୁବାର ତାଳଚେର ଉପଜିଲାପାଳ ବିଶ୍ୱ ମହୋନ ରଥ, କଣିହାଁ ତହସିଲଦାର ପତିତପାବନ ଦେବତା, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କ ସହିତ କଣିହାଁ ପୋଲିସ ଟିମ୍ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କଣିହାଁ ତହସିଲଦାର ଦେବାତା କହିଛନ୍ତି, ଗ୍ରାମର ସମସ୍ୟା ନେଇ ଆଲୋଚନା କରାଯାଇଛି।

# ମାଣ୍ଡିଆ ବ୍ୟବହାର ସମ୍ପର୍କରେ କରାଗଲା ଅବଗତ

ବଅଁରପାଳ, ୧୧।୧୧ (ଡି.ଏନ.ଏ.)

ଅନୁଗୋଳର ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ପନ୍ଦନ ଏବଂ ତାଳଚେରସ୍ଥିତ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ବନ୍ଧା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ଶୁକ୍ରବାର ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ନକୁଳଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ମାଣ୍ଡିଆ କିପରି ଦୈନନ୍ଦିନ ଜୀବନରେ ବ୍ୟବହାର କରିପାରିବା ଓ ନିରୋଗ ରହିବା ଆଦି ବିଷୟରେ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ବଅଁରପାଳ ବ୍ଲକ ଗ୍ରାମ କୃଷି ସେବକ ପ୍ରଭାସ କୁମାର ବେହେରା ଯୋଗଦାନ କରି ମାଣ୍ଡିଆର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସ୍ପନ୍ଦନ ଅନୁଷ୍ଠାନର ସଦସ୍ୟ ବିଭୁ ଶତପଥୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନର ସମ୍ପାଦକ ବୁଦ୍ଧଦେବ ଦାସ ଯୋଗଦେଇ ଦୈନନ୍ଦିନ ଜୀବନରେ ମାଣ୍ଡିଆରୁ କିପରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ ଏବଂ ମା'ମାନେ ସଫଳ ଉଦ୍ୟୋଗୀ ହୋଇପାରିବେ ସେ ଉପରେ ଗୋଷ୍ଠୀ ସଦସ୍ୟାଙ୍କୁ ବୁଝାଇଥିଲେ। ବନ୍ଧା ଗ୍ରାମର ଏମ୍‌ବିକେ ତପସ୍ୱିନୀ ରଣା, ରବୀନ୍ଦ୍ର କୁମାର ବୈଦ୍ୟଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୫ରୁ ଊର୍ଦ୍ଧ୍ୱ ସଦସ୍ୟାଙ୍କ ସହିତ ୭ ଜଣ ଚାଷୀ ଭାଗ ନେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ।

# ଜନସଚେତନତା ଉପରେ ଗୁରୁତ୍ୱ

## ବାଲ୍ୟ ବିବାହ ରୋକିବା ଉପରେ ଜିଲାସ୍ତରୀୟ ଆଲୋଚନା

ଅନୁଗୋଳ ଅଫିସ, ୧୧।୧୧

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ବିଭାଗ ଓ ସମାଜ ମଙ୍ଗଳ ବିଭାଗର ମିଳିତ ଉଦ୍ୟମ ତଥା ଆକ୍ସନ ଏଡ୍‌ଙ୍କ ସହାୟତାରେ ଜିଲାର ବିଭିନ୍ନ ଜାତି, ଧର୍ମ, ସମ୍ପ୍ରଦାୟର ନେତୃମଣ୍ଡଳୀଙ୍କୁ ନେଇ ଡିଆର୍‌ଡିଏ ସଭାଗୃହରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ପଦ୍ମନାଭ ସାମନ୍ତରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ବବିତା ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକ, ଜିଲା ସାମାଜିକ ସୁରକ୍ଷା ଯୋଜନା ଅଧିକାରୀ ନାରାୟଣ ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ଓ ଆକ୍ସନ ଏଡ୍‌ର ଜିଲା ସଂଯୋଜକ ସନ୍ତୋଷ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା ପ୍ରମୁଖ ଅଂଶଗ୍ରହଣ କରି ଜିଲାରେ ବାଲ୍ୟ ବିବାହ ବନ୍ଦ କରିବା ପାଇଁ ସମ୍ପ୍ରଦାୟର ନେତୃମଣ୍ଡଳୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆକ୍ସନ ଏଡ୍‌ର ଜିଲା ସଂଯୋଜକ ସନ୍ତୋଷ କୁମାର ବେହେରା ଜିଲାରେ ବାଲ୍ୟ ବିବାହ ଓ କିଶୋରୀ ମାତୃତ୍ୱର ସ୍ଥିତି, ବାଲ୍ୟ ବିବାହର କାରଣ ଓ ପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଏ ନେଇ ଆଲୋଚନା ସହ ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ଗ୍ରାମସ୍ତରୀୟ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିଗୁଡିକ ସହିତ ମିଶି ତୃଣମୂଳସ୍ତରରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ମତ ପ୍ରକାଶ ପାଇଥିଲା। ଏଥିସହିତ ବିଭିନ୍ନ ଜାତି, ଧର୍ମ, ସମ୍ପ୍ରଦାୟର ନେତୃମଣ୍ଡଳୀ ନିଜ ନିଜ ଜାତି ଓ ସମାଜରେ ଏହି ବିଷୟରେ ଆଲୋଚନା କରି ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ବୈଠକରେ ମତ ରଖିଥିଲେ। ତାଳଚେର ସିଡିପିଓ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ନେତୃମଣ୍ଡଳୀର କର୍ମକର୍ତ୍ତା।

## ସଂକ୍ଷେପରେ

### ୩୨ ଗ୍ରାମୀଣ ମହିଳାଙ୍କୁ ସିଲାଇ ତାଲିମ

**ଢେଙ୍କାନାଳ ଅଫିସ, ୧୧।୧୧:** ଢେଙ୍କାନାଳ ସହରସ୍ଥିତ ଏଲ୍ଆଇସି ଲେନ୍‌ସ୍ଥିତ ୟୁକୋ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଗ୍ରାମୀଣ ମହିଳାଙ୍କୁ ନେଇ ଏକ ସିଲାଇ ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମାସେ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ୩୨ ଯୁବତୀ ଅଂଶଗ୍ରହଣ କରିଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ସହକାରୀ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ମ୍ୟାନେଜର ବରୁଣ ବିଶ୍ୱାଳ, ନିର୍ଦ୍ଦେଶିକା ବିଶ୍ୱଭାରତୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହିଳାମାନେ ଦକ୍ଷତା ବୃଦ୍ଧି ସହ ବ୍ୟାଙ୍କ ସହାୟତାରେ କିପରି ନିଜର ୟୁନିଟ୍ ପ୍ରତିଷ୍ଠା କରି ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା, ସୁଚିତ୍ରା ଗଡ଼ନାୟକ, ଅଫିସ ସହାୟକ କାଦମ୍ବରୀ ମହାଖୁଡ, ପ୍ରଣବ ରଞ୍ଜନ ମିଶ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ରୋଗୀଙ୍କୁ ବଣ୍ଟାଯିବ ୨,୫୩୪ କିଟ୍

- ଫାଇଲେରିଆ ନିରାକରଣ ପ୍ରଶିକ୍ଷଣ ଶିବିର
- ୨୨ ସ୍ଥାନରେ ରାତ୍ରକାଳୀନ ରକ୍ତ ପରୀକ୍ଷା

**ଢେଙ୍କାନାଳ ଅଫିସ, ୧୧।୧୧**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଫାଇଲେରିଆ ନିରାକରଣ ଏବଂ ଗୋଦର ଗୋଡ଼ର ଯତ୍ନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସହାୟତାରେ ଆୟୋଜିତ ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ଅଧକ୍ଷତା କରି କହିଲେ, ଗୋଦର ଗୋଡ଼ ହୋଇଥିବା ରୋଗୀଙ୍କ ଯତ୍ନ ପାଇଁ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିଠିଲେଖା ସରିଛି। ଗତବର୍ଷ ୨,୫୩୪ କିଟ୍ ବଣ୍ଟନ କରାଯାଇଥିଲା। ତନ୍ମଧ୍ୟରେ ଟବ୍, ମଗ, ଟାୱେଲ, ସାବୁନ, ଆଣ୍ଟି ସେପ୍ଟିକ୍ କ୍ରିମ୍ ରହିଥିଲା। ଚଳିତବର୍ଷ ସମାନ ସଂଖ୍ୟକ କିଟ୍ ବଣ୍ଟାଯିବ। ଏଥିସହ ୨୪ ସ୍ଥାନରେ ରାତ୍ରିକାଳୀନ ରକ୍ତ ପରୀକ୍ଷା ପାଇଁ ଯୋଜନା ରହିଥିଲା। ତେବେ ୨୨ ସ୍ଥାନରେ ରକ୍ତ ପରୀକ୍ଷା କରାଯାଇଛି ବୋଲି ସିଡିଏମ୍‌ଓ ସୂଚନା ଦେଇଥିଲେ।

ଜିଲାରେ ୨୦୧୮ରେ ୪,୧୩୪ ଜଣଙ୍କ ରକ୍ତ ପରୀକ୍ଷାରୁ ୩୩ ଫାଇଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ୨୦୧୯ରେ ଏହି ସଂଖ୍ୟା ୩୫ରେ ପହଞ୍ଚିଥିଲା। ୨୦୧୯ ତୁଳନାରେ ୨୦୨୦ରେ ଦୁଇଗୁଣାରୁ ଅଧିକ ଅର୍ଥାତ୍ ୭୪ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୧ରେ ୪୩ ରୋଗୀ ଚିହ୍ନଟ କରାଯାଇଥିଲା। ସମସ୍ତଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ସୂଚନା ଦେଇଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଡ. ସମ୍ବିତ୍ ପ୍ରଧାନ ଓ ଡ. ଦେବକାନ୍ତ ନାୟକ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୨ ଗୋଦରଗୋଡ ରୋଗୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିରରେ ସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀମାନେ।

# ନୂଆ ସମ୍ଭାବନା ଅଂଶୁମାନ

**ଢେଙ୍କାନାଳ ଅଫିସ, ୧୧।୧୧**


ଅଂଶୁମାନ ଭରଦ୍ୱାଜ।

ଚମତ୍କାର ସଙ୍ଗୀତରେ ସେ ମଞ୍ଚରେ ଭରିପାରନ୍ତି ରୋମାଞ୍ଚ। ଭଜନ, ଜଣାଣ ହେଉ କି ଆଧୁନିକ ଗୀତ, ଶ୍ରୋତାଙ୍କ ହୃଦୟକୁ ଛୁଇଁପାରେ ତାଙ୍କ ସ୍ୱର। ଶକ୍ତି ମିଶ୍ର, ଅସୀମା ପଣ୍ଡାଙ୍କ ଭଳି ଆଗଧାଡ଼ିର କଣ୍ଠଶିଳ୍ପୀ ରାଜ୍ୟ ତଥା ଜାତୀୟ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରି ଢେଙ୍କାନାଳର ଗୌରବ ବଢ଼ାଇଥିବାବେଳେ ଯୁବପ୍ରତିଭା ଅଂଶୁମାନ ଭରଦ୍ୱାଜ ଏବେ ସେହି ଧାରାରେ ଆଗକୁ ବଢୁଛନ୍ତି। 'ସିଦ୍ଧାର୍ଥ' ଟିଭିରେ ପ୍ରସାରିତ ସଙ୍ଗୀତଭିତ୍ତିକ ରିଆଲିଟି ଶୋ' 'ଓଡ଼ିଶାର ନୂଆ ସ୍ୱର'ର ଫାଇନାଲ ରାଉଣ୍ଡର ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ସୁଦୃଢ଼ କରି ସେ ନିଜର ଦକ୍ଷତାର ପରିଚୟ ଦେଇଥିବାବେଳେ ସଙ୍ଗୀତ ଜଗତରେ ନୂଆକରି ପାଦ ଥାପୁଥିବା ଯୁବପିଢ଼ିଙ୍କ ପାଇଁ ସାଜିଛନ୍ତି ଆଦର୍ଶ।

ପିଲାଟି ଦିନରୁ ସଙ୍ଗୀତ ପ୍ରେମରେ ପଡ଼ିଯାଇଛନ୍ତି ଅଂଶୁମାନ। ଏଥିରେ ତାଙ୍କ ମା' ମଧୁସ୍ମିତା ମିଶ୍ରଙ୍କ ପ୍ରୋତ୍ସାହନ ଏବଂ ବାପା ଆଇନଜୀବୀ ଦେବାଶିଷ ମିଶ୍ରଙ୍କ ପ୍ରେରଣା ବେଶ୍ ସହାୟକ ହୋଇଛି। ଅଂଶୁମାନ ପର୍ଯ୍ୟାୟକ୍ରମେ ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର, ଗୁରୁ ଯାମିନୀ ରଞ୍ଜନ ଦାସ, ଗୁରୁ ଶିବାନୀ ପ୍ରିୟଦର୍ଶିନୀ ନନ୍ଦଙ୍କଠାରୁ ସଙ୍ଗୀତ ଶିକ୍ଷା ଲାଭ କରିଛନ୍ତି। ରାଜ୍ୟର ବିଭିନ୍ନ ଉତ୍ସବ, ମହୋତ୍ସବରେ ସଙ୍ଗୀତ ପରିବେଷଣ କରି ସେ ସାଉଁଟିଛନ୍ତି ଅଜସ୍ର ପ୍ରଶଂସା। କୋଲ୍‌କାତାରେ ରେକର୍ଡିଂ ହୋଇଥିବା 'ସିଙ୍ଗ୍ ଦିଲ୍ ସେ' ଗୀତ ଗାଇ ସେ ଦର୍ଶକଙ୍କ ପ୍ରଶଂସା ଭାଜନ ହୋଇପାରିଛନ୍ତି। କେବଳ ଏତିକି ନୁହେଁ, ସେ ଏକାଧାରରେ ଜଣେ ମଞ୍ଚ ଅଭିନେତା, କ୍ରିକେଟର ମଧ୍ୟ। ଏଏସ୍‌ସିଏଲ୍ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ପ୍ରାଇଭେଟ୍ କ୍ରିକେଟ ଲିଗ୍‌ରେ ଓଡ଼ିଶାର ୧୪୦ ପ୍ରତିଭାଙ୍କ ମଧ୍ୟରୁ ଚୟନ ହୋଇଥିବା ୨ଜଣଙ୍କ ମଧ୍ୟରେ ଅଂଶୁମାନ ଅଛନ୍ତି। ସେ ଏବେ ଡେରାଡୁନ୍‌ରେ ପ୍ରସ୍ତୁତି ଚଳାଇଛନ୍ତି। ଯୁକ୍ତ ୩ ପ୍ରଥମ ବର୍ଷରେ ପାଦ ଥାପିଥିବା ଏହି ୧୮ ବର୍ଷୀୟ ଯୁବକ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କୁ ଆଦର୍ଶ ମାନୁଥିବାବେଳେ ଭବିଷ୍ୟତରେ ଓଲିଉଡ୍ ଏବଂ ବଲିଉଡ୍‌ରେ କଣ୍ଠଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ଅଂଶୁମାନଙ୍କ ପୈତୃକ ଘର ମୁକ୍ତାଦେଈପୁର ଶାସନ ହୋଇଥିବାବେଳେ ବିଶିଷ୍ଟ ଶିକ୍ଷାବିତ୍, ଆଇନଜୀବୀ ତଥା ସାହିତ୍ୟିକ ସ୍ୱର୍ଗତ ଡ. ବିଧାନଚନ୍ଦ୍ର ମିଶ୍ରଙ୍କ ସେ ନାତି।

# ରାଜ୍ୟସ୍ତରକୁ ଚୟନ ହୋଇଥିବା ପ୍ରତିଭା ସମ୍ବର୍ଦ୍ଧିତ

**ଭୁବନ, ୧୧।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ନୂଆ ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ୩ ଛାତ୍ରୀଛାତ୍ର ଜୋନାଲ୍‌ସ୍ତରୀୟ 'ସୁରଭି'ରେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟସ୍ତରକୁ ଚୟନ ହୋଇଛନ୍ତି। ଦଶମ ଶ୍ରେଣୀ ଛାତ୍ରୀ ଅନନ୍ୟା ପ୍ରିୟଦର୍ଶିନୀ ଆର୍ଟ ଆଣ୍ଡ୍ କ୍ରାଫ୍ଟ, ନବମ ଶ୍ରେଣୀ ଛାତ୍ର ଚନ୍ଦନ ମଲ୍ଲିକ ଚିତ୍ରାଙ୍କନ, ସୂର୍ଯ୍ୟାଂଶୁ ଶେଖର ସାହୁଙ୍କ ମଧ୍ୟାହ୍ନଭୋଜନ ସମ୍ପର୍କିତ ପ୍ରକଳ୍ପରେ କୃତିତ୍ୱ ହାସଲ କରିଛନ୍ତି। ସେମାନଙ୍କୁ ଗୁରୁବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାର୍ଥନା ସଭାରେ ପ୍ରଧାନ ଶିକ୍ଷକ ବିଜୟ କୁମାର ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସେମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି। ରାଜ୍ୟସ୍ତରରେ ମଧ୍ୟ ସେମାନେ ଅନୁରୂପ ସଫଳତା ହାସଲ କରିବେ ବୋଲି ପ୍ରଧାନ ଶିକ୍ଷକ ଆଶାବ୍ୟକ୍ତ କରିଛନ୍ତି।


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଏବଂ ଅତିଥିମାନେ।

# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରି ପୁରସ୍କୃତ


ଗୁଡ୍ ସମରିଟିଆନ୍‌ଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୧।୧୧**

ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଛି ଗୁଡ୍ ସମରିଟିଆନ୍ ପଲିସି। ଦୁର୍ଘଟଣାଗସ୍ତ ପୀଡ଼ିତଙ୍କୁ ସହାୟତାର ହାତ ବଢ଼ାଇବା, ସେମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ବ୍ୟବସ୍ଥା କରୁଥିବା ବ୍ୟକ୍ତିଙ୍କୁ ଉତ୍ସାହିତ କରିବାକୁ ପ୍ରଦାନ କରାଯାଉଛି ୨୦୦୦ ଟଙ୍କା ଲେଖାଏ ସହାୟତା ରାଶି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲାର ୧୩ ଗୁଡ୍ ସମରିଟିଆନ୍‌ଙ୍କୁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲା ପୋଲିସ କାର୍ଯ୍ୟାଳୟରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଉପସ୍ଥିତ ରହି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ସଦର ଏସ୍‌ଡିପିଓ ସୂର୍ଯ୍ୟମଣୀ ପ୍ରଧାନ, ଗୋଇନ୍ଦା ବିଭାଗ ଡିଏସ୍‌ପି ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ଆଣୁଥିବା ବ୍ୟକ୍ତିଙ୍କୁ ହଇରାଣ କରାଯିବ ନାହିଁ। ସେମାନେ ଚାହିଁଲେ ପୀଡ଼ିତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଯାଇପାରିବେ। ସେମାନେ ଚାହିଁଲେ ସେମାନଙ୍କ ନାମ ଗୋପନ ରଖାଯିବ ବୋଲି ସୂଚନା ଦିଆଯାଇଛି।

# ଚିନ୍ତାନାୟକଙ୍କ ଅବଦାନ ଉପରେ ଆଲୋଚନା

**ସାତମାଇଲ, ୧୧।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ସାତମାଇଲ୍‌ସ୍ଥିତ ଜନତା କଲେଜରେ ରାଜନୀତି ବିଜ୍ଞାନ (ସମ୍ମାନ) ବିଭାଗ ପକ୍ଷରୁ ଶୁକ୍ରବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଭାବତୀ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁଧାଂଶୁ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଭାଗ ମୁଖ୍ୟ ଡ. କୁମାର ଚନ୍ଦ୍ର ସାହୁ, ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ ଉପସ୍ଥିତ ଥିଲେ। 'ଭାରତୀୟ ରାଜନୈତିକ ଚିନ୍ତାନାୟକ ଏବଂ ସେମାନଙ୍କ ଅବଦାନ' ଶୀର୍ଷକ ବିଷୟରେ ଅତିଥିମାନେ ଭାରତୀୟ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷର ପିଲାମାନେ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଅନିତା ଅଞ୍ଜଳି ସାହୁ, ରୁମୁଲି ନନ୍ଦ ଏହାର ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଡ. ଲୁଲୁବାଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ୨୭ ଦଫା ଦାବି ପୂରଣ ହେଉ


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଏଲ୍ଆଇଏଫ୍ଆଇର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୧।୧୧**

## ପ୍ରଧାନମନ୍ତ୍ରୀଙ୍କୁ ଦାବି ଜଣାଇଲା ଏଲ୍ଆଇଏଫ୍ଆଇ

ଲାଇଫ୍ ଇନସ୍ୟୁରାନ୍ସ ଏଜେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏଲ୍ଆଇଏଫ୍ଆଇ)ର କର୍ମକର୍ତ୍ତାମାନେ ୨୭ ଦଫା ଦାବି ପୂରଣ ନେଇ ଶୁକ୍ରବାର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ଦେଇଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ଏଲ୍ଆଇଏଫ୍ଆଇ ଅଧୀନରେ ୧୩.୫ ଲକ୍ଷ ଏଜେଣ୍ଟ କାର୍ଯ୍ୟ କରୁଛନ୍ତି। ଏଜେଣ୍ଟଙ୍କ ମଙ୍ଗଳ, ପଲିସିଧାରୀଙ୍କ ସୁରକ୍ଷା ସମେତ ଭାରତୀୟ ଜୀବନବୀମା ନିଗମର ସୁରକ୍ଷା ପ୍ରତି ମଧ୍ୟ ମହାସଂଘ ଧ୍ୟାନ ଦେଇଆସୁଛି। ଏଜେଣ୍ଟମାନେ ଭାରତର ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ସେମାନଙ୍କ ପଲିସି ବୋନସ୍ ବୃଦ୍ଧି, ପଲିସି ଋଣର ସୁଧ ହ୍ରାସ, ଉପଭୋକ୍ତାଙ୍କୁ ଉନ୍ନତମାନର ସେବା ପ୍ରଦାନ, ଉପଭୋକ୍ତାଙ୍କ କଲ୍ୟାଣ ପାଇଁ ଅର୍ଥ ବ୍ୟବସ୍ଥା, ସିଟିଜେନ୍ ଚାର୍ଟର ସୂଚନା ସମସ୍ତ ଶାଖାରେ ଲଗାଇବା, ୫ବର୍ଷର ଊର୍ଦ୍ଧ୍ୱ ଲାପ୍ସ ପଲିସିକୁ ରିଭାଇଭ୍ କରିବା, ଏଜେଣ୍ଟଙ୍କୁ ସ୍ୱତନ୍ତ୍ର ଭାବେ ସିଧାସଳଖ ସୁବିଧା ପ୍ରଦାନ କରିବା, ଏଜେଣ୍ଟଙ୍କ ପିଲାଙ୍କୁ ଶିକ୍ଷା ପାଇଁ ଋଣ, ଗ୍ରାଚ୍ୟୁଇଟିକୁ ୧୦ଲକ୍ଷ କରିବା, ଗ୍ରୁପ୍ ମେଡିକ୍ଲେମ ବୃଦ୍ଧି, ପେନ୍‌ସନ୍ ଯୋଜନା ଲାଗୁ କରିବା, ଗ୍ରୁପ ଇନ୍‌ସ୍ୟୁରାନ୍ସ ଲାଗୁ, ଏଜେଣ୍ଟଙ୍କୁ ଗୃହ ନିର୍ମାଣ ପାଇଁ ଋଣ, ଏଜେଣ୍ଟ ୱେଲଫେୟାର ଫଣ୍ଡ ବ୍ୟବସ୍ଥା ଆଦି ପ୍ରମୁଖ ଦାବିନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିବା ଶାଖା ସଭାପତି ଶଙ୍କର୍ଷଣ ରଥ ଜଣାଇଛନ୍ତି।

# 'ଢେଙ୍କାନାଳ ହେଉଛି ସଂଗ୍ରାମୀ ମାଟି'

**ଢେଙ୍କାନାଳ ଅଫିସ, ୧୧।୧୧**

## କପିଳାସ ମହୋତ୍ସବର ପ୍ରଥମ ସନ୍ଧ୍ୟା

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ମାଇକ୍ରୋମିଡିଆ ଆୱାରନେସ୍ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍‌ହଲ୍‌ଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି କପିଳାସ ମହୋତ୍ସବ। ପ୍ରଥମ ସନ୍ଧ୍ୟାରେ ଉଦ୍‌ଘାଟକ ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଢେଙ୍କାନାଳ ହେଉଛି ସଂଗ୍ରାମୀ ଓ ସଂସ୍କୃତିର ମାଟି। ଏଠାକାର ଭାଇଚାରା ନିଆରା ପରମ୍ପରା। ମାଇକ୍ରୋମିଡିଆ ଆୱାରନେସ୍ ଅନୁଷ୍ଠାନର ପ୍ରୋତ୍ସାହନରେ ବହୁ ପ୍ରତିଭାବାନ କଳାକାର ସୃଷ୍ଟି ହୋଇଛନ୍ତି। ଏଭଳି କାର୍ଯ୍ୟକ୍ରମ କଳାକାରଙ୍କୁ ଉତ୍ସାହିତ କରିବାରେ ସହାୟକ ହେଉଛି ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବ ଯୋଗଦେଇ ପୌରଧକ୍ଷା ଜୟନ୍ତୀ ପାତ୍ର କହିଲେ, କୁନିକୁନି ପିଲାଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ପାଇଁ ଅନୁଷ୍ଠାନ ପକ୍ଷରୁ ଯେଉଁ କାର୍ଯ୍ୟକ୍ରମ ହେଉଛି, ତାହା ସ୍ୱାଗତଯୋଗ୍ୟ। ପ୍ରତିଭା ବିକଶିତ ହେଲେ ଅନୁଷ୍ଠାନ ଆଗକୁ ବଢ଼ିବ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ରାଜ୍ୟ ଲୋକକଳା ସଂଘ ଉପସଭାପତି କବି ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ହାସ୍ୟ ଅଭିନେତା ଅରବିନ୍ଦ ସାହୁ, ଇନରହ୍ୱିଲ କ୍ଲବ ସଭାନେତ୍ରୀ ଅର୍ଚ୍ଚନା ମହାପାତ୍ର, ବରିଷ୍ଠ ଅସ୍ଥିଶଲ୍ୟ ଚିକିତ୍ସକ ଡା. ପ୍ରଦ୍ୟୋତ ବେହେରା, ଶିଶୁ ପ୍ରତିଭା ସୁଶ୍ରୀ ସାଇସମ୍ପନ୍ନା ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ସତ୍ୟସ୍ୱରୂପ ଦାସ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପଦେଷ୍ଟା ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱ ଏବଂ ଲକ୍ଷ୍ମୀକାନ୍ତ ସାହୁଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟତମ ଉପଦେଷ୍ଟା ଶିଳ୍ପୀ ପରେଶ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନିର୍ଦ୍ଦେଶକ ଅଭୟ ସାହୁ ବିବରଣୀ ପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏଥିପୂର୍ବରୁ ପୂର୍ବାହ୍ନ ୧୦ଟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୌରାଧକ୍ଷା ପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ ଦରୱାନ, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ସାମାଜିକ କର୍ମୀ ସୁକାନ୍ତ ମିଶ୍ର, ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା, କାଉନ୍‌ସିଲର ସନ୍ଦୀପ ଷଡ଼ଙ୍ଗୀ, ଶିଳ୍ପୀ ପରେଶ ପଟ୍ଟନାୟକ, ଅଭୟ ସାହୁ, ସୌମ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୨୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।


ହାସ୍ୟ ଅଭିନେତା ଅରବିନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ଚିକିତ୍ସାଧୀନ ଛାତ୍ରୀଙ୍କ ମୃତ୍ୟୁ
#### କମ୍ ନମ୍ବର ଥିବାରୁ କରିଥିଲେ ଆତ୍ମହତ୍ୟା ଉଦ୍ୟମ

ଅନୁଗୋଳ ଅଫିସ, ୧୧।୧୧: ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ୯ମ ଶ୍ରେଣୀ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଖବରପାଇ ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ଢେଙ୍କାନାଳ ଜିଲା ବାଲମୀ ଥାନା ଅଞ୍ଚଳର ସମ୍ପୃକ୍ତା ଛାତ୍ରୀ ୯ମ ଶ୍ରେଣୀ ପରୀକ୍ଷାରେ କମ୍ ମାର୍କ ରଖିଥିଲେ। ଏଥିରେ ମର୍ମାହତ ହୋଇ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସା ଚାଲିଥିବାବେଳେ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।

### ସନ୍ଧ୍ୟା ୬ଟାରୁ ଶୌଚାଳୟରେ ତାଲା




କଣିହାଁ, ୧୧।୧୧ (ଡି.ଏନ.ଏ.)- କଣିହାଁ ତହସିଲ କାର୍ଯ୍ୟାଳୟ ନିକଟରେ ଏନ୍‌ଟିପିସି ପ୍ରକଳ୍ପ ପକ୍ଷରୁ ପାରିପାର୍ଶ୍ୱିକ ସାମାଜିକ ଦାୟିତ୍ୱବୋଧ ଯୋଜନାରେ ଲୋକଙ୍କ ପାଇଁ ଏକ ଶୌଚାଳୟ ନିର୍ମାଣ ହୋଇଛି। ହେଲେ ସନ୍ଧ୍ୟା ୬ଟା ପରେ ଉକ୍ତ ଶୌଚାଳୟରେ ତାଲା ପକାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ନିଯୁକ୍ତ ହୋଇଥିବା କର୍ମଚାରୀଙ୍କ ମନୋମୁଖୀ ନୀତି ଯୋଗୁ ଜନସାଧାରଣ ସନ୍ଧ୍ୟା ପରେ ଏହି ସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ କଣିହାଁ ତହସିଲଦାର ପତିତପାବନ ଦେବତା କହିଛନ୍ତି, ଏହା ପ୍ରଶାସନ ଅଧୀନରେ ନାହିଁ। ଏନ୍‌ଟିପିସି ପ୍ରକଳ୍ପ ପକ୍ଷରୁ ତାହାର ପରିଚାଳନା ସହ କର୍ମଚାରୀ ନିଯୁକ୍ତ କରାଯାଇଛି। ଏପରି ହେଉଥିଲେ ପ୍ରଶାସନ ପକ୍ଷରୁ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବୁ।

### ତ୍ରୁଟିପୂର୍ଣ୍ଣ ଇ-ଚାଲାଣ ପଠାଇ ହଟହଟ୍ଟା

ଅନୁଗୋଳ ଅଫିସ, ୧୧।୧୧- ଜଣେ ସ୍କୁଟି ଆରୋହୀ ମହିଳାଙ୍କୁ ତ୍ରୁଟିପୂର୍ଣ୍ଣ ଇ-ଚାଲାଣ ପଠାଇ ଅନୁଗୋଳ ପରିବହନ କାର୍ଯ୍ୟାଳୟର କର୍ମଚାରୀ ହଟହଟ୍ଟା ହୋଇଛନ୍ତି। ପ୍ରକାଶ ଯେ, ଅନୁଗୋଳ ଥାନା ଅଞ୍ଚଳର ଜଣେ ମହିଳା ସ୍କୁଟି ନେଇ ଯାଉଥିବା ବେଳେ ଗତ ୩ ତାରିଖରେ ଶିମିଳିପଡା ଛକ ନିକଟରେ ପରିବହନ ବିଭାଗ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ମହିଳା ଜଣଙ୍କ ହେଲମେଟ ପିନ୍ଧି ନ ଥିବାରୁ ପରିବହନ ବିଭାଗ କର୍ମଚାରୀ ୧୦୦୦ ଟଙ୍କା ଇ-ଚାଲାଣ ପଠାଯିବ ବୋଲି କହିଥିଲେ। କିନ୍ତୁ ମହିଳା ଜଣଙ୍କ ଘରକୁ ଆସିବା ପରେ ତାଙ୍କୁ ୮ ହଜାର ଟଙ୍କା ଇ-ଚଲାଣ ପଠାଇଯାଇଥିବା ଜାଣିବାକୁ ପାଇଥିଲେ। ୧୦୦ ମିଲିଲିଟର ମଦ ପିଇଥିବା ଓ ବ୍ରେଥ୍ ଆନାଲାଇଜର ଟେଷ୍ଟରେ ସେ ଧରାପଡ଼ିଥିବା ଚାଲାଣରେ ଉଲ୍ଲେଖ ଥିଲା। ଏହାଦେଖି ମହିଳା ଜଣଙ୍କ ତାଙ୍କ ସମ୍ମାନହାନି ହୋଇଥିବା ନେଇ ଗୁରୁବାର ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ପରିବହନ ବିଭାଗ ପକ୍ଷରୁ ତ୍ରୁଟି ସ୍ୱାକାର କରାଯିବା ପରେ ସମ୍ପୃକ୍ତା ମହିଳା ହେଲମେଟ ପିନ୍ଧି ନ ଥିବାରୁ କେବଳ ୧ ହଜାର ଟଙ୍କା ଜରିମାନା ଦେଇଥିବା ସୂଚନା ମିଳିଛି।

### ଯୁବକଙ୍କ ମୃତଦେହ ଜବତ

ବଡ଼ସାହି,୧୧।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ପଟିଶାରି ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୁରା ସିଂଙ୍କ ପୁଅ ଶମ୍ଭୁ(୩୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୭/୨୨) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

# ଜନବସତି ନିକଟରେ ଖଣି ଷ୍ଟକ୍‌ୟାର୍ଡକୁ ବିରୋଧ

କେନ୍ଦୁଝର,୧୧।୧୧(ସ୍ୱ.ପ୍ର.)


ଷ୍ଟକ୍‌ୟାର୍ଡ ନିର୍ମାଣ ଜାରି ରହିଛି।

ପଲ୍ଲୀସଭା ନ କରି, ବିନା ପ୍ରଦୂଷଣ ଅନୁମୋତିରେ ବାଂଶପାଳ ବ୍ଲକ୍ ତଳକଇଁସାରୀ ଗ୍ରାମରେ ଲୁହାପଥର ଷ୍ଟକ୍‌ୟାର୍ଡ ନିର୍ମାଣ ହେଉଛି। ଉକ୍ତ ସ୍ଥାନରୁ ଗଛ କଟାଯିବା ସହ ପଥର ତଡ଼ା ଯାଉଛି। ଏଥିସହ ଷ୍ଟକ୍‌ୟାର୍ଡ ହେବା ଫଳରେ ଅଞ୍ଚଳରେ ଚାଷ କ୍ଷତିଗ୍ରସ୍ତ ହେବ। ବନ୍ୟପ୍ରାଣୀଙ୍କ ଯାତାୟାତରେ ସମସ୍ୟା ଉପୁଜିବ। ଫଳରେ ଏହାକୁ ମୂଳ ଆଦିବାସୀମାନେ ବିରୋଧ କରିଆସୁଛନ୍ତି। ସରକାର ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କରିବାକୁ ଦାବି କରିଛନ୍ତି।

ସୂଚନା ମୁତାବକ, ବାଂଶପାଳ ତହସିଲ ପକ୍ଷରୁ ୨୦୧୯ ମସିହାରେ ଉକ୍ତ ଷ୍ଟକ୍‌ୟାର୍ଡ ପାଇଁ ବିନା ଅନୁମୋତି କେସ ନଂ. ୨/୨୦୧୯ରେ ଅଭିଯୋଗ ଶୁଣାଣି ହୋଇଥିଲା। ଉକ୍ତ ଶୁଣାଣିରେ ଖାତା ନଂ. ୪୮ ଅନ୍ତର୍ଗତ ଚାଷ ଉପଯୋଗୀ ଓ ବାସଗୃହ ସ୍ଥାନରେ ଷ୍ଟକ୍‌ୟାର୍ଡ ନିର୍ମାଣ ପାଇଁ ଆଦିବାସୀ ବାରଣ କରିଥିଲେ। ଏଠାରେ ଷ୍ଟକ୍‌ୟାର୍ଡ ହେଲେ ସେମାନଙ୍କ ଜମିଜମା କ୍ଷତିଗ୍ରସ୍ତ ହେବା ସହ ବନ୍ୟଜନ୍ତୁଙ୍କ ଯାତାୟାତରେ ସମସ୍ୟା ଉପୁଜିବ। ବ୍ୟାପକ ଜଙ୍ଗଲ ଓ ପରିବେଶ ନଷ୍ଟ ହେବ ବୋଲି ସେମାନେ କହିଛନ୍ତି। କିନ୍ତୁ ଅଭିଯୋଗକୁ ଅଣଦେଖା କରି ଖଣି ସଂସ୍ଥାର ଷ୍ଟକ୍‌ୟାର୍ଡ ନିର୍ମାଣ ସପକ୍ଷରେ ଲିପିବଦ୍ଧ କରାଯାଇଥିବା କହିଛନ୍ତି। ଏ ନେଇ ୨୦୨୦ ଅଗଷ୍ଟ ୨୫ରେ ଆଦିବାସୀମାନେ ଖଣି ସଂସ୍ଥାରେ ଆପତ୍ତି କରିଥିଲେ। ଅଭିଯୋଗକୁ ଅଣଦେଖା କରାଯାଇଥିଲା। ପୁଣି ଥରେ ତହସିଲ ପକ୍ଷରୁ ଶେଷ ଶୁଣାଣି ପାଇଁ ୧୮ ଫେବୃୟାରୀ ୨୦୨୧ ଧାର୍ଯ୍ୟ କରାଯାଇଥିଲା। ଉକ୍ତ ଦିନ ଆଦିବାସୀମାନେ ତହସିଲ କାର୍ଯ୍ୟାଳୟରେ

#### ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲେ ଆଦିବାସୀ

ଉପସ୍ଥିତ ରହି ଅଞ୍ଚଳରେ ଷ୍ଟକୟାର୍ଡ ନ କରିବାକୁ ନିବେଦନ କରିଥିଲେ। ମାତ୍ର ୨୮ ଡିସେମ୍ବର ୨୦୨୧ରେ ପୋଲିସ ସୁରକ୍ଷା ମଧ୍ୟରେ ନିର୍ମାଣ କାମ କରାଯାଇଥିଲା। ଏହାକୁ ନେଇ ଭୀମସେନ ମୁଣ୍ଡା ଓ ଅନ୍ୟ ଆଦିବାସୀମାନେ ଜାତୀୟ ଅନୁସୂଚିତ ଜନଜାତି କମିଶନ, ନୂଆଦିଲ୍ଲୀର ଦ୍ୱାରସ୍ଥ ହୋଇଥିଲେ। କମିଶନ ଖଣି ନିର୍ଦ୍ଦେଶାଳୟ ଓ ଜିଲାପାଳ କେନ୍ଦୁଝରଙ୍କୁ ଚିଠି ଲେଖି ସବିଶେଷ ରିପୋର୍ଟ ଦେବାକୁ ଆଦେଶ କରିଥିଲେ। ଅଦ୍ୟାବଧି କାର୍ଯ୍ୟ ଜାରି ରହିଥିବା ବେଳେ ଅଭିଯୋଗ କଲେ ପୋଲିସ ଭୟ ଦେଖାଉଛି। ଏଣୁ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିବାକୁ ଆଦିବାସୀ ନିବେଦନ କରିଛନ୍ତି। ନଚେତ୍ ବାଧ୍ୟ ହୋଇ ଅଦାଲତ ଓ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବିଲରେ ପଶିଗଲା କୋଇଲା ବୋଝେଇ ଟ୍ରକ୍

ଭୁବନ, ୧୧।୧୧(ଡି.ଏନ୍.ଏ.)



ଢେଙ୍କାନାଳ ଜିଲା ଭୁବନ ଥାନା ବାଲିବୋ ନିକଟରେ ଶୁକ୍ରବାର ଏକ ୧୦ ଚକିଆ କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୍ ୧୯ କେ ୬୮୮୩) ଭାରସାମ୍ୟ ହରାଇ ଧାନ ବିଲରେ ପଶିଯାଇଛି। ଉକ୍ତ ଟ୍ରକ୍ ତାଳଚେରୁ ୧୮ ଟନ୍ କୋଇଲା ନେଇ ଯାଜପୁର କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାଉଥିବା ବେଳେ ବେକମଡା ଛକ ନିକଟରେ ସୁରକ୍ଷା ସ୍ତମ୍ଭ ଭାଙ୍ଗି ବିଲକୁ ପଶି ଯାଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର୍ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଟ୍ରକ୍‌ଟି ମୁଖ୍ୟରାସ୍ତାରେ ନ ଯାଇ ଅନ୍ୟ ଦିଗରେ ଯାଉଥିବାରୁ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ପହଞ୍ଚି ଟ୍ରକ୍ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ଠିକ୍ ତଦନ୍ତ ଦାବିରେ ଉପ ଜିଲାପାଳଙ୍କୁ ଦାବିପତ୍ର


ଦାବିପତ୍ର ପ୍ରଦାନ କରୁଛନ୍ତି।

ଆନନ୍ଦପୁର,୧୧।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ୍ ଶଡ଼ା ପଞ୍ଚାୟତ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ହରିଲୁଟ୍ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ତେବେ ଏହି ଯାଞ୍ଚ ପ୍ରକ୍ରିୟାରେ ଅନିୟମିତତା ହେଉଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଠିକ୍ ତଦନ୍ତ ଦାବି କରି ଶୁକ୍ରବାର ଆନନ୍ଦପୁର ଉପଜିଲାପାଳ ଅନୀଲ ସେଠୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଯୋଜନାରେ ଦୁଇ ହଜାର ଟଙ୍କା ଅର୍ଥ ପାଇ ନ ଥିବା ଏବଂ ସମ୍ପୃକ୍ତ ଘଟଣାରେ ସରପଞ୍ଚ, ଜିଆରଏସ୍, ପିଇଓ ସାମିଲ ଥିବା ହିତାଧିକାରୀ ମାଳତୀ ସାହୁ, ସୌମ୍ୟରଞ୍ଜନ ବେହେରା, ଚୈତନ୍ୟ ହାଂସଦା, ଭାଗବତ ଜେନା, ଖଗେଶ୍ୱର ସାମଲ, ଅଭିମନ୍ୟୁ ଜେନା, ଜଗନ ମଲ୍ଲିକ ପ୍ରମୁଖ କହିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଓ ସମ୍ପର୍କୀୟମାନେ ଜୋରଜବରଦସ୍ତ ଅର୍ଥ ପାଇଥିବା କଥା କହିବା ପାଇଁ ଚାପ ପକାଉଛନ୍ତି। ଏପରିକି ନିୟୋଜିତ ହୋଇଥିବା ତଦନ୍ତକାରୀ ଟିମ୍ ରାତି ଅଧିଆ ରାସ୍ତାରେ ଠିଆ ହୋଇ ହିତାଧିକାରୀଙ୍କୁ ପଚାରଉଚରା କରିବା ଏବଂ ତଦନ୍ତରେ ସରପଞ୍ଚଙ୍କ ସପକ୍ଷରେ କହିବା ପାଇଁ ପ୍ରବର୍ତ୍ତାଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ କଲା ସଚେତନ


ବୈଠକରେ ଉପସ୍ଥିତ ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଓ ଅନ୍ୟମାନେ।

ବୈଶିଙ୍ଗା,୧୧।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ପୋଲିସ ପକ୍ଷରୁ ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା ପାଇଁ ଅଭିନବ ପଦକ୍ଷେପ ଗ୍ରହଣ କରାଯିବା ସହିତ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗତ କିଛି ମାସ ମଧ୍ୟରେ ଅଞ୍ଚଳରେ ମନ୍ଦିର ଚୋରି, ବାଇକ୍ ଚୋରି ସାଙ୍ଗକୁ ଛିନତାଇ ଆଦି ଘଟଣା ବହୁ ମାତ୍ରାରେ ବୃଦ୍ଧି ପାଇଛି। ଏହି ଥାନାର ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଯୋଗଦେବା ପରଠାରୁ ପ୍ରାୟ ପ୍ରତ୍ୟେକ ଘଟଣାରେ ପୋଲିସକୁ ସଫଳତା ମଧ୍ୟ ମିଳୁଛି। ଥାନାଧିକାରୀଙ୍କ ତ୍ୱରିତ ପଦକ୍ଷେପ ପୋଲିସ ବାହିନୀର ମନୋବଳକୁ ବହୁଗୁଣିତ କରିଛି। ବହୁ ସଂଖ୍ୟକ ଅସାମାଜିକ ବ୍ୟକ୍ତି ଗିରଫ ହୋଇ ହାଜତରେ ଥିବା ବେଳେ ବ୍ୟାପକ ମାତ୍ରାରେ ଚୋରି ସାମଗ୍ରୀ ଜବତ କରାଯାଇଛି। ଏଥିପାଇଁ ଥାନାଧିକାରୀ ମିଶ୍ରଙ୍କୁ ଗତ ସ୍ୱାଧୀନତା ଦିବସ ଅବସରରେ ଜିଲା ପୋଲିସ ମୁଖ୍ୟାଳୟରେ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଗିରଫ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ବହୁ ସଂଖ୍ୟକ ଅପରାଧୀ କଳମା ପଞ୍ଚାୟତର ଗୋବିନ୍ଦରାୟପୁର ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଶୁକ୍ରବାର ଥାନାଧିକାରୀ ଏହି ଗ୍ରାମରେ ପୋଲିସ-ପବ୍ଲିକ ଆଲୋଚନା ବୈଠକ ଆୟୋଜନ କରିଥିଲେ। ବୈଠକରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ସହ ବ୍ୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ସମସ୍ତ ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଯୁବସମାଜକୁ ବିପଥଗାମୀ କରାଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସମସ୍ତଙ୍କୁ ଶାନ୍ତି ରକ୍ଷା କରିବା ସହ ଶୃଙ୍ଖଳିତ ଜୀବନ ଯାପନ କରିବା ନିମନ୍ତେ ଥାନାଧିକାରୀ ମିଶ୍ର ପରାମର୍ଶ ଦେଇଥିଲେ।

## ପୋଲରେ ପିଟିହୋଇ ବାଇକ ଚାଳକ ଗୁରୁତର

ବଡ଼ସାହି,୧୧।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦୁର୍ଗାପୁର ଗ୍ରାମ ଛକ ନିକଟସ୍ଥ ଏକ ପୋଲରେ ପିଟି ହୋଇ ଜଣ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବୈଶିଙ୍ଗା ଥାନା ଅଧୀନ ଚାମ୍ପିପଦା ଉପଖଣ୍ଡ ପୁରୁଣାପାଣି ଗ୍ରାମର ରତିଶ କୁମାର ମହାନ୍ତଙ୍କ ପୁଅ ବୈକୁଣ୍ଠ। ଅପରାହ୍ନ ୪ଟାରେ ସମୟରେ ବାଇକ୍ ଯୋଗେ ବୈକୁଣ୍ଠ ଦ୍ରୁତଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପୋଲରେ ପିଟି ହୋଇ ଯାଇଥିଲେ। ବୈକୁଣ୍ଠ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବା ବେଳେ ସ୍ଥାନୀୟ ଯୁବ ସଂଗଠକ ବନୁ ମହାନ୍ତି ସହଯୋଗୀମାନଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ପଠାଇଥିଲେ।

## ଅଷ୍ଟମ ଡାକ ମେଳା

ବାଲେଶ୍ୱର ଅଫିସ,୧୧।୧୧

ବାଲେଶ୍ୱର ମୁଖ୍ୟ ଡାକ ଘର ପରିସରରେ ଥିବା ସଭାଗୃହରେ ଚଳିତ ଆର୍ଥିକ ବର୍ଷର ବାଲେଶ୍ୱର ଡାକ ମଣ୍ଡଳରେ ଅଷ୍ଟମ ଡାକ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଡାକ ମେଳାରେ ବାଲେଶ୍ୱର ଉପଖଣ୍ଡ ସହକାରୀ ଡାକ ଅଧୀକ୍ଷକ ରବି ନାରାୟଣ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଡାକମଣ୍ଡଳର ଅଧୀକ୍ଷକ ଜୟନ୍ତ କୁମାର ଦାସ, ମୁଖ୍ୟବକ୍ତା ଭାବେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ପ୍ରଜ୍ଞା ମିଶ୍ର, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଆଇପିପିବି ଶାଖାର ସିନିୟର ମ୍ୟାନେଜର ବିରଞ୍ଚି ନାରାୟଣ ସାମଲ ଓ ବାଲେଶ୍ୱର ଡାକମଣ୍ଡଳର ସହକାରୀ ଡାକ ଅଧୀକ୍ଷକ ସମରଜିତ୍ ନାୟକ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଆଇପିଆର୍ ନୀଳଗିରି ଗିରିଧାରୀ ଧାମୁଡ଼ିଆ, ଆଇପି ଜଳେଶ୍ୱର ଇଷ୍ଟ କାର୍ତ୍ତିକ ଚନ୍ଦ୍ର ଦାସ, ଆଇପି ଜଳେଶ୍ୱର ୱେଷ୍ଟ ସଦାଶିବ ରାଉତ, ଆଇପି ସୋର ରିମ୍ପା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ପ୍ରତିଭା ବିକାଶର ମାଧ୍ୟମ 'ସୁରଭି'

ବାରିପଦା ଅଫିସ,୧୧।୧୧

ମୟୂରଭଞ୍ଜ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ନବ କିଶୋର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ଶିଶୁମାନଙ୍କର ପ୍ରତିଭାକୁ ସୁରଭି ବିକଶିତ କରିବା ସହିତ ପୁସ୍ତକ ପାଠକୁ ଭୁଲି ଗଲା ପରେ ଜୀବନର ବାସ୍ତବ ଶିକ୍ଷା ଆରମ୍ଭ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ପିଲାଳିଆମୀ ହେବାର ଅନେକ କଥାକୁ ଉଲ୍ଲେଖ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବାରିପଦା ପୌରାଧକ୍ଷ କଷ୍ଟାନନ୍ଦ ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଓ ଚଳଚ୍ଚିତ୍ର ଅଭିନେତା ସ୍ୱରାଜ ମିଶ୍ର ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଇଓ ନିତ୍ୟାନନ୍ଦ ବାରିକ, ଦୀପ୍ତି ନାୟକ, ଜିଲା ଆଦିବାସୀ ସଂଯୋଜକ ସପନ କୁମାର ପୃଷ୍ଟି, ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଶିକ୍ଷକ ହରେନ୍ଦ୍ର ମହାନ୍ତ ଓ ଜେଆରସିଓ ସ୍ମୃତି ରଞ୍ଜନ ପାଣି ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୫୮୪ ରୋଗୀଙ୍କୁ ଜଣେ ଡାକ୍ତର

#### ଦିବ୍ୟାଙ୍ଗ ଶିବିରରେ ଅବ୍ୟବସ୍ଥା
#### ରାତି ୯ଟା ପର୍ଯ୍ୟନ୍ତ ରୋଗୀ ଦେଖିଲେ

ନୀଳଗିରି, ୧୧।୧୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକରେ ଶୁକ୍ରବାର ସ୍ଥାନୀୟ ପଞ୍ଚାୟତ ସମିତି ପ୍ରାଙ୍ଗଣରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବିଡିଓ ରାହୁଳ ମଣ୍ଡଳଙ୍କ ନେତୃତ୍ୱରେ ଭିନ୍ନକ୍ଷମ ଶିବିର ଆୟୋଜନ କରିଥିବା ବେଳେ ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତ, ନୀଳଗିରି ଏନ୍‌ଏସିର ଶତାଧିକ ଲୋକଙ୍କ ଭିଡ ହୋଇଥିଲା। ବିଭିନ୍ନ ବିଭାଗର ୫ଜଣ ଡାକ୍ତର ଉପସ୍ଥିତ ଥିବା ବେଳେ ଲୋକଙ୍କ ପାଇଁ ବ୍ଲକ ପକ୍ଷରୁ ଖାଇବାର ବ୍ୟବସ୍ଥା କରାଯାଇଥିଲା । ଏହି ଭିନ୍ନକ୍ଷମ ଶିବିରରେ ମୋଟ ୧୨୬୯ ଜଣ ରୋଗୀ ପଞ୍ଜିକରଣ କରିଥିବା ବେଳେ ଅସ୍ଥିଶଲ୍ୟରେ ୫୮୪ଜଣ, ଚକ୍ଷୁରେ ୧୩୭ଜଣ, ମାନସିକ ଅନଗ୍ରସର ୨୮୦, ନାସା କର୍ଣ୍ଣରେ ୨୬୮ଜଣ ରୋଗୀ ପଞ୍ଜିକରଣ କରିଥିଲେ। ଅପରାହ୍ନ ୪ଟା ସୁଦ୍ଧା ବିଭିନ୍ନ ବିଭାଗର ଡାକ୍ତର ପଳାଇଯାଇଥିବା ବେଳେ ଅସ୍ଥିଶଲ୍ୟ ବିଭାଗର ଡା. ନିର୍ମାଲ୍ୟ ମହାପାତ୍ର ସକାଳ ୧୦ଟାଠାରୁ ରୋଗୀ ଦେଖି ଆସୁଥିବା ବେଳେ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ତାଙ୍କ ବିଭାଗରେ ପାଖାପାଖି ୧୦୦ରୁ ୧୫୦ ରୋଗୀ ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ଅସ୍ଥିଶଲ୍ୟ ବିଭାଗର ଡା. ନିର୍ମାଲ୍ୟ ମହାପାତ୍ରଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିଲା। ଝିଅ, ବୋହୂ, ବୃଦ୍ଧାବୃଦ୍ଧ ମାନେ ରାତି ପର୍ଯ୍ୟନ୍ତ ଲାଇନରେ ଠିଆ ହୋଇଥିବା ବେଳେ ଭିନ୍ନକ୍ଷମମାନଙ୍କ ପାଇଁ ମାତ୍ର ୫ଟି ହ୍ୱିଲ ଚେୟାରର ବ୍ୟବସ୍ଥା ହୋଇଥିଲା। ରୋଗୀମାନଙ୍କୁ ସମ୍ପର୍କୀୟମାନେ କିଏ କାନ୍ଧେଇ ତ କିଏ କାଖେଇ ଡାକ୍ତରଙ୍କ ପାଖକୁ ଯାଇଥିବା ଦେଖିବାକୁ ମିଳିଛି। ଡାକ୍ତରଙ୍କ ଅନୁପସ୍ଥିତିରେ କିଛି ରୋଗୀ ଦେଖାଇ ନ ପାରି ଘରକୁ ଫେରିଯାଇଥିବା ଜଣାପଡ଼ିଛି।

## ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କଲେ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ

ଭଦ୍ରକ ଅଫିସ, ୧୧।୧୧

ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ତିନିଦିନିଆ ଗସ୍ତରେ ଆସି ମୟୂରଭଞ୍ଜ, ବାଲେଶ୍ୱର ଜିଲା ପରେ ଶୁକ୍ରବାର ପୂର୍ବାହ୍ନରେ ଭଦ୍ରକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ କର୍ମଚାରୀ ତାପସ କୁମାର ନାୟକ, ମୀନାକ୍ଷୀ ଗରାବଡୁ, ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟର କାର୍ଯ୍ୟଧାରା ସମ୍ପର୍କରେ ସମୀକ୍ଷା କରିବାକୁ ଯାଇ ବିଭିନ୍ନ ରେଜିଷ୍ଟର, କ୍ୟାଶ୍‌ବୁକ୍, ଉପସ୍ଥାନ ଖାତା ଓ ନିର୍ଦ୍ଦିଷ୍ଟ କେତେକ ଫାଇଲପତ୍ର ସେ ତଦାରଖ କରିଥିଲେ। କର୍ମଚାରୀ ନ ଥିବାରୁ ଆରଡ଼ିଠାରେ ଥିବା ସୂଚନା କେନ୍ଦ୍ର ଦୀର୍ଘବର୍ଷ ଧରି ଖୋଲାଯାଇ ନ ପାରିବା, ଭଦ୍ରକ ସୂଚନା କେନ୍ଦ୍ର ମଧ୍ୟ ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇ ନ ପାରିବା ନେଇ ସେ ଅବଗତ ହେବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଥିଲେ। ସେହିଭଳି ଅପରେଟର ପଦବୀ ଶୂନ୍ୟ ଥିବାରୁ ସଭା ସମିତିରେ ଡାକବାଜି ଯନ୍ତ୍ରର ଉପଯୋଗ ଓ ପ୍ରଚାର କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ତାଙ୍କୁ ଅବଗତ କରାଯାଇଥିଲା। ବିଶେଷକରି କାର୍ଯ୍ୟାଳୟ କୋଠାଘରର ଦୁରାବସ୍ଥା ଦେଖି ସେ କ୍ଷୋଭ ପ୍ରକାଶ କରିଥିଲେ। କାର୍ଯ୍ୟାଳୟ କୋଠାଘର ଛାତରୁ ପାଣି ଗଳିବା, ଚଟାଣରେ ଟାଇଲ ସବୁ ତଳକୁ ଗଳିଯିବା, ଭଙ୍ଗା ଝରକା, କାନ୍ଥରୁ ପ୍ଲାଷ୍ଟର ଛାଡ଼ିଯିବା, ପ୍ରାଚୀର ଓ ଫାଟକ ନ ଥିବାରୁ ଅଫିସ୍ ସମ୍ମୁଖ ପାର୍କିଂ ଜାଗା ହୋଇଯିବା, ଚାରିପାଖରେ ଅଳିଆ ପଡ଼ିବା, ସନ୍ଧ୍ୟାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମିବା ଆଦି ସମସ୍ୟା ସେ ଶୁଣିବା ସହ ଅନୁଧ୍ୟାନ କରିଥିଲେ। କାର୍ଯ୍ୟାଳୟର ଆସବାବପତ୍ର ବିଶେଷ କରି ପଠନଗାରର ବହି, ଆଲମିରା, ର୍‍ୟାକ୍ ଆଦି ରଖିବା ପାଇଁ ସ୍ଥାନାଭାବ ସମସ୍ୟା ସମ୍ବନ୍ଧରେ ମଧ୍ୟ ସେ ଅବଗତ ହୋଇଥିଲେ। ୧୯୯୪ରୁ ୪୪ ଦିନିଆ ଆଡ଼ହକ୍ ଭାବେ ନିଯୁକ୍ତ ପାଇଥିବା କାର୍ଯ୍ୟାଳୟର ଦୁଇ କର୍ମଚାରୀ ଚାକିରି ନିୟମିତ ହେବା ନେଇ ଉପନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ।

# 'ଭୋଗରାଇରେ ବନ୍ଦର ହେଲେ ଆର୍ଥିକ ସ୍ଥିତିରେ ଉନ୍ନତି ହେବ'

#### ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ

ଭୋଗରାଇ, ୧୧।୧୧(ଡି.ଏନ.ଏ.)



ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଉଦ୍‌ଯାପନୀ ଉତ୍ସବରେ ଅତିଥିଗଣ।

ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ନୌବାଣିଜ୍ୟର ଇତିହାସ ଉଜ୍ଜୀବିତ ହୋଇ ନ ପାରି ଓଡ଼ିଶା ଏକ ଗରିବ ରାଜ୍ୟରେ ପରିଣତ ହୋଇଛି। ରାଜ୍ୟରେ କଳକାରଖାନା ଅଚଳ ହୋଇପଡ଼ିଥିବା ବେଳେ ଆମ ରାଜ୍ୟର ଲୋକେ କର୍ମସଂସ୍ଥାନ ନ ପାଇ ପେଟକୁ ଦାନା ଓ ପିନ୍ଧିବାକୁ ବସ୍ତ୍ର ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବାଲିଆପାଳ ଶସ୍ୟଶ୍ୟାମଳା ଅଞ୍ଚଳରେ ବନ୍ଦର ନ ହୋଇ ଭୋଗରାଇ କୀର୍ତ୍ତନିଆରେ ହେଲେ ରାଜ୍ୟରେ ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଘଟିବ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଆରୁହାବୃତ୍ତି ଗ୍ରାମ ପିପିଲି ସାହାବନ୍ଦର ବୋଇତ ବନ୍ଦାଣର ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ବୋଇତ ବନ୍ଦାଣ ଉତ୍ସବ ସଭାପତି ସତ୍ୟଶିବ ଦାସଙ୍କ ପୌରୋହିତ୍ୟରେ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଶିଷ୍ଟ କବି ସୁକୁମାର ଦାସ ମତ ଦେଇଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ନୀଳଗିରି ରାଣୀ ମନୋଜାମଞ୍ଜରୀ ଦେବୀ, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ବିସ୍ମୟ ମହାପାତ୍ର, ବାଲିଆପାଳ ବ୍ଲକର ପୂର୍ବତନ ଅଧକ୍ଷ ବିଜନ ନାୟକ ପ୍ରମୁଖ ଭୋଗରାଇରେ ବନ୍ଦର ଗଢ଼ି ଉଠିଲେ ଅଞ୍ଚଳ ତଥା ରାଜ୍ୟର ପ୍ରଗତି ହେବ ବୋଲି ବକ୍ତବ୍ୟ ରଖିଥିଲେ। ଅପରପକ୍ଷରେ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟ ପୂର୍ବତନ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ସମ୍ମାନନୀୟ ଅତିଥି ଭାବେ କଂଗ୍ରେସ ରାଜ୍ୟ ପ୍ରବକ୍ତା ପଦ୍ମାବତୀ ଗୁରୁ, ଅବସରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ମହାପାତ୍ର, ସାମାଜିକ କର୍ମୀ ହରନାରାୟଣ ରାଉତ, ସରପଞ୍ଚ ଗୀତାରାଣୀ ଜେନା, ସମିତିସଭ୍ୟ ବନତୀ ସାହୁ ପ୍ରମୁଖ ଗାଁର ବିକାଶ ହେଲେ ରାଜ୍ୟର ଉନ୍ନତି ହେବ ବୋଲି ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟାଙ୍ଗନା ରୋଜିଲିନା ମହାନ୍ତି ଓ ତାଙ୍କ ଶିଷ୍ୟାମାନେ ନୃତ୍ୟ ପରିବେଷଣ ସହ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ଓ ତାଙ୍କ ଗ୍ରୁପ୍‌ର କଣ୍ଠଶିଳ୍ପୀ ଦର୍ଶକଙ୍କୁ ବାନ୍ଧି ରଖିଥିଲେ।

